
ଧରିତ୍ରୀ
DHARITRI
August 2-8, 2020 ₹2/-

# ଛୁଟିଦିନ

# ବନ୍ଧୁ



୩

ପ୍ରଚ୍ଛଦ ପ୍ରସଙ୍ଗ

କିଏ କେତେବେଳେ କାହା ସହ ବନ୍ଧୁ ସୂତ୍ରରେ ଯୋଡ଼ି ହେଇଯିବା ବିଧି ନିର୍ଦ୍ଦିଷ୍ଟ ନା ଘଟଣାମାତ୍ର! ଯିଏ ଯାହା ବୁଝେ ସେହି ହିସାବରେ ତା’ ବନ୍ଧୁତା ଆଗେଇ ଚାଲେ। ସେଇଥି ପାଇଁ ବୋଧେ କିଛି ବନ୍ଧୁତାର ଆୟୁଷ ବେଶିଦିନ ନ ଥିବାବେଳେ ଆଉ କିଛି ବନ୍ଧୁତାର ଆୟୁଷ ଲମ୍ବିଥାଏ ଅୟୁତ ଯୁଗକୁ...



ସିନେମା

୫

# ରାଶି ଅନୁସାରେ ରାଖୀ

**ଭା**ଇ ଭଉଣୀଙ୍କ ପବିତ୍ର ସମ୍ପର୍କର ପର୍ବ ରାଖୀ ପୂର୍ଣ୍ଣିମା । ଏହିଦିନ ଭଉଣୀ ଭାଇ ହାତରେ ରେଶମର ଡୋରି ବାନ୍ଧି ଆଜୀବନ ସୁରକ୍ଷା ପ୍ରଦାନ କରିବାର ପ୍ରତିଶ୍ରୁତି ନେଇଥାଏ । ତେବେ ରାଶି ଅନୁସାରେ ଯଦି ଭାଇଙ୍କ ହାତରେ ରାଖୀ ବାନ୍ଧିବେ ଭାଇଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ବାସ୍ତୁ ଶାସ୍ତ୍ର କହେ...



ମେଷ ରାଶି– ଭାଇଙ୍କ ରାଶି ମେଷ ହୋଇଥିଲେ ଲାଲ, ନାରଙ୍ଗି କିମ୍ବା ଗୋଲ୍ଡେନ୍ କଲର୍ ରାଖୀ ପିନ୍ଧାଇବା ଭଲ ।

ବୃଷ ରାଶି–ସିଲ୍‌ଭର୍, ନୀଳ କିମ୍ବା ବାଦାମୀ ରଙ୍ଗର ରାଖୀ ଅବା ରୁପା ରାଖୀ ବାଛିପାରିବେ ।

ମିଥୁନ ରାଶି– ସବୁଜ ରଙ୍ଗର ସବୁ ଶେଡ୍‌ସ ଏହି ରାଶି ପାଇଁ ଭଲ ।

କର୍କଟ ରାଶି– ମୋତି କିମ୍ବା ଚମକଦାର୍ ଓ ହାଲ୍‌କା ବାଦାମୀ ରଙ୍ଗର ରାଖୀ ଏହି ରାଶି ପାଇଁ ଭଲ ।

ସିଂହ ରାଶି– ଏହି ରାଶି ପାଇଁ ନାରଙ୍ଗୀ, ସବୁର୍ଣ୍ଣ ରଙ୍ଗ କିମ୍ବା ହଳଦିଆ ରଙ୍ଗର ରାଖୀ ବାଛିପାରିବେ ।

କନ୍ୟା ରାଶି– ସବୁଜ କିମ୍ବା ରାମା ଗ୍ରୀନ୍ ରାଖୀ ପିନ୍ଧାଇପାରିବେ ।

ତୁଳା ରାଶି– ଡାଇମଣ୍ଡ, ଜରଦୋଜୀ ଅଥବା ବହୁତ ସଜ୍ଜା ଯାଇଥିବା ମଲ୍ଟି କଲର୍‌ର ରାଖୀ ବାନ୍ଧି ପାରିବେ ।

ବିଛା ରାଶି–ମାଜେଣ୍ଟା, ଗୋଲାପୀ, କମଳା ରଙ୍ଗର ରାଖୀ ଆଣିପାରିବେ ।

ଧନୁ ରାଶି– ବ୍ରାଇଟ୍ ହଳଦିଆ ରଙ୍ଗ ବା ହଳଦିଆ ରଙ୍ଗର ରାଖୀ ଏହି ରାଶି ପାଇଁ ଭଲ ।

ମକର ରାଶି– ପର୍ପଲ,ଗାଢ ଗୋଲାପୀ ଅବା ଗାଢ ନୀଳ ରଙ୍ଗର ରାଖୀ କିଣିପାରିବେ ।

କୁମ୍ଭ ରାଶି– ନୀଳ ରଙ୍ଗର ଯେକୌଣସି ଶେଡ୍‌ସର ରାଖୀ ଭାଇଙ୍କୁ ପିନ୍ଧାଇପାରିବେ ।

ମୀନ ରାଶି– କେଶରୀ, ହଳଦିଆ କିମ୍ବା ଲାଲ ରଙ୍ଗର ରାଖୀ ଆଣିପାରିବେ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅଗଷ୍ଟ ୨-୮**

**ମେଷ**
ସାମାଜିକ ସମ୍ମାନ, ପାରିବାରିକ ସହୃଦୟତା, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ମିତ୍ରତା ବୃଦ୍ଧି, ବନ୍ଧୁ ସମ୍ପର୍କ ସ୍ଥାପନ, ପରୋକ୍ଷ ଶତ୍ରୁତା, ବିବାଦୀୟ ପରିସ୍ଥିତି, ସନ୍ତାନଙ୍କ କୃତିତ୍ୱ, ଋଣ ପରିଶୋଧ ।

**ବୃଷ**
କର୍ମକ୍ଷେତ୍ରରେ ସମ୍ମାନ, ସାମାଜିକ ପ୍ରତିଷ୍ଠା, ବୈପ୍ଳବିକ ଚିନ୍ତାଧାରା, ସଂଗଠନରେ ସଫଳତା, ପ୍ରଶାସନିକ ସ୍ଥିରତା, ପବ୍ଲିକେଶନରେ ସମସ୍ୟା, ସନ୍ତାନଙ୍କ କୃତିତ୍ୱ, ପରୋକ୍ଷ ଶତ୍ରୁତା, ଅର୍ଥନୈତିକ ବୈଷମ୍ୟ, ଜମିଜମା କଳହ ।

**ମିଥୁନ**
ସ୍ୱାସ୍ଥ୍ୟ ସମସ୍ୟା, ବନ୍ଧୁ ସହ କଳହ, ପରିବାରରେ ମତାନ୍ତର, ପରିବହନରେ ଝଗଡା, ମାନସିକ ଅସ୍ଥିରତା, ଆର୍ଥିକ ଉନ୍ନତି, ବାଣିଜ୍ୟରେ ପ୍ରତିବନ୍ଧକ, ରୋମାନ୍ସ ପ୍ରିୟତା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ସାହିତ୍ୟାନୁରାଗ ।

**କର୍କଟ**
ବୈଷୟିକ ଅଭିବୃଦ୍ଧି, ଉପରିସ୍ଥଙ୍କ ଅନୁକମ୍ପା, ଶୁଭ ଖବର, ସରକାରୀ ସାହାଯ୍ୟ, ନୂତନ ସମ୍ପର୍କ, ସଭା ସମିତିକୁ ଆହ୍ୱାନ, ପରଶ୍ରୀକାତରତା, ସଙ୍କୁଚିତ ବ୍ୟବସାୟ, ଗବେଷଣାରେ ଅଗ୍ରଗତି ।

**ସିଂହ**
ପଡୋଶୀଙ୍କ ସହାନୁଭୂତି, ଯାନବାହନ ଲାଭ, ଲେଖାପଢାରେ ରୁଚି, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, କରଜଦାତାଙ୍କ ଚାପ, ଆରୋଗ୍ୟ ଲାଭ, ଆଇନ ସହାୟତା, ପ୍ରତିଯୋଗିତାରେ ସଫଳତା ।

**କନ୍ୟା**
ଦୂର ଯାତ୍ରା, ସୁସ୍ୱାଦୁ ଭୋଜନ, ଆନୁଷ୍ଠାନିକ କାର୍ଯ୍ୟ, ବନ୍ଧୁଙ୍କ ନିମନ୍ତ୍ରଣ, ପୁରୁଣା ରୋଗପୀଡା, ଭ୍ରାତୃବିବାଦ, ମିଥ୍ୟା ଅଭିଯୋଗ, ବୈବାହିକ ସମସ୍ୟା, ସହକର୍ମୀଙ୍କ ଦୌରାତ୍ମ୍ୟ ।

**ତୁଳା**
ଧନ ସମ୍ମାନ ଲାଭ, ନୂତନ ଯୋଜନା, ସହଯୋଗ ମିଳିବନି, ଉପହସିତ ହେବେ, ମକଦ୍ଦମାରେ ବିଜୟ, କଳାରେ ଉତ୍କର୍ଷତା, ପୂର୍ବ ଶତ୍ରୁତାରୁ କଳହ, ବେହିସାବ ଖର୍ଚ୍ଚ, ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି, ସମ୍ପର୍କରେ ସନ୍ଦେହ ।

**ବିଛା**
କାର୍ଯ୍ୟସିଦ୍ଧି, ଲକ୍ଷ୍ୟ ପୂରଣ, ଶାରୀରିକ ସୁସ୍ଥତା, ମିଥ୍ୟାଭିଯୋଗ, ମନୋରଞ୍ଜନ, ଯାନ୍ତ୍ରିକ ଜିନିଷ, ରଚନାତ୍ମକ କାର୍ଯ୍ୟ, ସଭାସମିତିକୁ ଆହ୍ୱାନ, ଆନୁଷ୍ଠାନିକ କାମ, ଶିଳ୍ପର ଅଭିବୃଦ୍ଧି, କ୍ରୀଡାରେ ସଫଳତା, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ ।

**ଧନୁ**
ସମସ୍ୟା ସମାଧାନ, ଅସହିଷ୍ଣୁ ମନୋଭାବ, ରାଜନୈତିକ ବିବାଦ, ନୂତନ ପ୍ରକଳ୍ପାରମ୍ଭ, ପାରିବାରିକ ସୌଖ୍ୟ, ପ୍ଲଟିଙ୍ଗ୍ କାରବାରରୁ ଲାଭ, ପ୍ରତିଯୋଗିତାରେ ସଫଳତା, ସେବା ମନୋଭାବରୁ ପ୍ରଶଂସା ।

**ମକର**
କର୍ମ ଦକ୍ଷତା, ବନ୍ଧୁଙ୍କ ପ୍ରଶଂସା, ବକେୟା ପ୍ରାପ୍ତି, ବିବାଦର ସମାଧାନ, ନୂତନ ସମ୍ପର୍କ, ବୃତ୍ତିରେ ଉନ୍ନତି, ପରୀକ୍ଷାରେ କୃତକାର୍ଯ୍ୟ, ସ୍ତ୍ରୀଙ୍କ ପ୍ରେରଣା, ଋଣପରିଶୋଧ, ଯାତ୍ରା ସ୍ଥଗିତ, ଆତ୍ମୀୟଙ୍କ ଅପପ୍ରଚାର ।

**କୁମ୍ଭ**
ସାମାଜିକ ପ୍ରତିଷ୍ଠା, ଅର୍ଥନୈତିକ ଅବରୋଧ, ଅଧସ୍ତନଙ୍କ କୃତଜ୍ଞତା, ପ୍ରୟୋଗାତ୍ମକ କୌଶଳ, ନୂତନ ଯୋଜନା, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ବିଦେଶ ଯାତ୍ରାର ସୁଯୋଗ, ଭିଜିଲାନ୍ସ ଧରପଗଡ ।

**ମୀନ**
ବିଳମ୍ବିତ କାର୍ଯ୍ୟ, କୈଫିୟତ ତଲବ, ପ୍ରତିରୋଧ ଆସିବ, ଗୃହ ସମସ୍ୟାର ଦୁଶ୍ଚିନ୍ତା, ରୋଗର ଦାଉ, ପରଜନଙ୍କ ପରାମର୍ଶ, ବ୍ୟବସାୟିକ ଉତ୍କର୍ଷ, ଅନୁସନ୍ଧାନରେ ସଫଳତା, ପ୍ରଶାସନିକ ତତ୍ପରତା, ପ୍ରକଳ୍ପ କାର୍ଯ୍ୟାରମ୍ଭ, ବୈବାହିକ ଆଲୋଚନା ।

# ଭିନ୍ନକ୍ଷମ ଭାଇ ପାଇଁ ଭଉଣୀର ଉପହାର



**ଏ** ହେଉଛି ଏକ ଭିନ୍ନକ୍ଷମ ଭାଇ ଓ ତା'ର ଭଉଣୀର କଥା । ଭଉଣୀ ମୟୂରୀ ୧୬ ବର୍ଷର ଓ ଭାଇ ନିଖିଲ ପୋପଟ୍ ଯାଦବ ୧୩ ବର୍ଷର । ଏମାନେ ପୁଣେର ହୋଲ ଗାଁରେ ରହନ୍ତି । ନିଖିଲ ଭିନ୍ନକ୍ଷମ ଅଟନ୍ତି । ସେ ଚଲାବୁଲା କରିପାରନ୍ତି ନାହିଁ । ହ୍ୱିଲ ଚେୟାର ହିଁ ତାଙ୍କ ପାଇଁ ଭରସା । ତେଣୁ ସେ ସମ୍ପୂର୍ଣ୍ଣଭାବେ ବାପାଙ୍କ ଉପରେ ନିର୍ଭରଶୀଳ । କିନ୍ତୁ ପାଠପଢାରେ ସେ ବହୁତ ଭଲ । ଆଉ ଯେବେ ବାପା କିଛି କାମରେ କେଉଁଠାକୁ ଚାଲି ଯାଆନ୍ତି, ନିଖିଲ ସ୍କୁଲ ଯାଇପାରୁ ନ ଥିଲେ । ତେଣୁ ଏହି ସମସ୍ୟାର ସମାଧାନ କରିବାକୁ ଭଉଣୀ ମୟୂରୀ ଚାହିଁଲେ । ଆଉ ଅନେକ ଚିନ୍ତା କରିବା ପରେ ଏକ ଯୋଜନା କଲେ ଏବଂ ଭାଇର ହ୍ୱିଲ ଚେୟାରକୁ ନିଜ ସାଇକେଲ ସହ ଯୋଡିଦେଲେ, ଯଦ୍ୱାରା ନିଖିଲକୁ ଯୁଆଡେ ବି ଯିବାକୁ ଥିଲେ ବାପାଙ୍କ ଉପରେ ନିର୍ଭର କରିବାକୁ ପଡିଲାନି । ମୟୂରୀ ନିଜେ ଭାଇକୁ ନେଇପାରିଲେ । ଏମିତିକି ସେ ସବୁଦିନ ଭାଇକୁ ସ୍କୁଲ ନେଇପାରିଲେ । ତେବେ ଏହି କାମରେ ସେ ସ୍କୁଲର ବିଜ୍ଞାନ ଶିକ୍ଷକଙ୍କ ସାହାଯ୍ୟ ନେଇଥିଲେ । ଆଉ ସ୍କୁଲର ଟେକ୍‌ନିକାଲ୍ ଷ୍ଟାଫ୍‌ଙ୍କ ସାହାଯ୍ୟରେ ସାଇକେଲ ସହ ହ୍ୱିଲ ଚେୟାର ଯୋଡିଦେଲେ । ଏହି ମୋଡିଫିକେସନ୍ ସମୟରେ ନିଖିଲଙ୍କ ସୁରକ୍ଷା ପ୍ରତି ମଧ୍ୟ ବିଶେଷ ଧ୍ୟାନ ରଖାଯାଇଛି । ସାଇକେଲ୍‌ର ବ୍ରେକ୍ ସିଷ୍ଟମରେ ଖାସ୍ ଧ୍ୟାନ ଦିଆଯାଇଛି । ଯେମିତି କି ବ୍ରେକ ମାରିଲେ ନିଖିଲଙ୍କୁ ଝଟ୍‌କା ଲାଗିବନି । ତା'ସହ ବାଲାନ୍ସ ପ୍ରତି ମଧ୍ୟ ଧ୍ୟାନ ରଖାଯାଇଛି । ଆଉ ନିଖିଲ ଭଉଣୀଙ୍କର ଏହି କାମରେ ବହୁତ ଖୁସି ।

# ପାଠକୀୟ

▶ପ୍ରଚ୍ଛଦ ପ୍ରସଙ୍ଗ 'ପୁଣିଥରେ' ବେଶ୍ ଭଲ ଲାଗିଲା । ରାଶିଫଳର ମୁଁ ଜଣେ ନିୟମିତ ପାଠକ । ମଡେଲ ମିରର୍‌ରେ ସତ୍ୟପ୍ରକାଶ ହ୍ୟାଣ୍ଡସମ୍ ଲାଗୁଥିଲେ । ଯଦିଓ ଛୁଟିଦିନ ମୋର ବହୁତ ପ୍ରିୟ, ହେଲେ ଏବେ ଏହାର ଅନେକ ପୃଷ୍ଠା ବନ୍ଦ ହୋଇ ଯାଇଥିବାରୁ ଭଲ ଲାଗୁନି । ଦୟାକରି ସବୁ ପୃଷ୍ଠା ପୁଣିଥରେ ଦିଅନ୍ତୁ ।

*–ସୋନାଲୀ ପ୍ରିୟଦର୍ଶିନୀ ସାହୁ, ପାଣିକୋଇଲି, ଯାଜପୁର*

▶ପ୍ରଚ୍ଛଦ ପ୍ରସଙ୍ଗ, ସିନେମା, ସୃଜନ ପୃଷ୍ଠା ପଢିଲି । ବହୁତ ଭଲ ଲାଗିଲା । ସାଥୀ ପୃଷ୍ଠାକୁ ପୁଣିଥରେ ଆରମ୍ଭ କରିବାକୁ ଅନୁରୋଧ । ମୋର ଅନେକ ସାଙ୍ଗ ବି ଏହି ଅନୁରୋଧ କରିଛନ୍ତି ।

*–ବିଜୟ ମହାରଣା, ରଘୁନାଥପୁର, ଜଗତସିଂହପୁର*

▶ଜୀବିକା ନିର୍ବାହ ପାଇଁ ଗାଁ ଛାଡି ବାହାରକୁ ଯାଇଥିବା ଯୁବପିଢି ଏହି ମହାମାରୀରେ ପୁଣିଥରେ ଫେରିଛନ୍ତି ଘରକୁ । ଅନେକେ କାମ ହରାଇ ହତାଶ ହୋଇପଡି ଥିବାବେଳେ କେହି କେହି ନୂଆ କିଛି କରିବାକୁ ଆଗେଇ ଆସି ଅନ୍ୟଙ୍କ ପାଇଁ ଉଦାହରଣ ସାଜିଛନ୍ତି । ଏ ସମ୍ପର୍କିତ ଏଥରର ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ଶିକ୍ଷଣୀୟ ଥିଲା । ମଣିଷ ଆକୃତିର ବାଦୁଡି ସମ୍ପର୍କରେ ପଢି ଆଶ୍ଚର୍ଯ୍ୟ ଲାଗିଲା । 'ହାଃ ହାଃ' ବେଶ୍ ମଜାଦାର ଥିଲା ।

*–ଶରତ ମଜୁମଦାର, ବାଙ୍କୀ, କଟକ*

▶ସୃଜନ ପୃଷ୍ଠାର ଗପ କବିତା ବେଶ୍ ହୃଦୟସ୍ପର୍ଶୀ ଥିଲା । ସିନେମା ପୃଷ୍ଠାଟି ମୋର ଭାରି ପ୍ରିୟ । ଏଥର 'ଘାରିଛି ଫଟୋଗ୍ରାଫି ନିଶା', 'ଦୀପିକା ଯାହା ଭାବୁଥିଲେ' ପାଠ ଭଲ ଲାଗିଲା । 'ହାଃ ହାଃ' ପଢ଼ି ହସି ହସି ବେଦମ୍ ହୋଇଗଲି । ବ୍ୟକ୍ତିତ୍ୱ ପୃଷ୍ଠାରେ ଅନୀତା ନାୟାରଙ୍କ ବିଷୟରେ ପଢ଼ି ଭଲ ଲାଗିଲା ।

*–ଚିତ୍ତରଞ୍ଜନ ପଟ୍ଟନାୟକ, ଗୁଣୁପୁର, ରାୟଗଡ଼ା*

▶ପ୍ରଚ୍ଛଦ ପ୍ରସଙ୍ଗ 'ପୁଣିଥରେ' ପଢ଼ି ଅନେକେ ନୂଆ କିଛି କରିବାକୁ ପ୍ରୋତ୍ସାହିତ ନିଶ୍ଚୟ ହେବେ । ସୃଜନ ପୃଷ୍ଠାର ଗପ 'ବିସ୍କୁଟ' ଭାରି ଭଲ ଲାଗିଲା । କାର୍ଟୁନ୍ କର୍ନର ମୋର ଭାରି ପ୍ରିୟ ।

*–ସୁଲତା ମଲ୍ଲିକ, ବନ୍ତ, ଭଦ୍ରକ*

▶ବ୍ୟାକ୍‌ପେଜ୍‌ରେ '୨୧୬ ଘଣ୍ଟାର ଅବିରତ ନୃତ୍ୟ' ପାଠଟି ଭଲ ଲାଗିଲା । ସିନେମା, ହାଃ ହାଃ, କାର୍ଟୁନ କର୍ନର ବି ମନଛୁଆଁ ହୋଇପାରିଥିଲା ।

*–ହରେକୃଷ୍ଣ ନାୟକ, ସମ୍ବଲପୁର*

▶ପ୍ରତି ରବିବାର ଆମେ ଛୁଟିଦିନକୁ ଅପେକ୍ଷା କରିଥାଉ । ଏହାର ପ୍ରତିଟି ପୃଷ୍ଠା ପଠନୀୟ । ଏମିତି ନୂଆ ନୂଆ ରୋଚକ ବିଷୟକୁ ନେଇ ଛୁଟିଦିନ ଆସୁଥାଉ ।

*–ଚୁନି, ମୁନି, ରୀମା, ବାଲିଗୁଡ଼ା, କନ୍ଧମାଳ*

## ବିଶେଷ ଚିଠି




**ଆ**ହେ ଛୁଟିଦିନ ତୁମରି ପରଶେ
ଆରମ୍ଭ ହୁଅଇ ମୋର ଛୁଟିଦିନ
କେତେ କଥା ତୁମେ ସାଥେ ଆଣିଥାଅ
ଖୁସି କରିବାକୁ ସଭିଙ୍କର ମନ ।
ସିନେମା ସୃଜନ ମଡେଲ ମିରର୍
ହସ ଦିଏ ଓଠେ କାର୍ଟୁନ କର୍ନର୍ ।
ପ୍ରଚ୍ଛଦ ପ୍ରସଙ୍ଗେ ସୁନ୍ଦର ଚିତ୍ରଣ
ବିସ୍ତୃତ ଭାବରେ ହୁଏ ସେ ବର୍ଣ୍ଣନ ।
ଧନ୍ୟବାଦ ତୁମକୁ ହେ ଛୁଟିଦିନ
ଏଇମିତି ଆସୁଥାଅ ସବୁଦିନ ।

*–ଯୁକ୍ତି ଯଜ୍ଞିନ୍ ପରିଡ଼ା*
*ସିଆର୍‌ପି, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ବନ୍ଧୁ



ବନ୍ଧୁତା, ହେଇପାରେ ଗୋଟିଏ ଶବ୍ଦ, କିନ୍ତୁ ତା' ପରିଧି କେଉଁଠୁ ଯେ କେତେଦୂର ଆଖିପାଏନି। କିଏ କେତେବେଳେ କାହା ସହ ବନ୍ଧୁ ସୂତ୍ରରେ ଯୋଡ଼ି ହେଇଯିବା ବିଧି ନିର୍ଦ୍ଦିଷ୍ଟ ନା ଘଟଣାମାତ୍ର! ଯିଏ ଯାହା ବୁଝେ ସେହି ହିସାବରେ ତା' ବନ୍ଧୁତା ଆଗେଇ ଚାଲେ। ସେଇଥି ପାଇଁ ବୋଧେ କିଛି ବନ୍ଧୁତାର ଆୟୁଷ ବେଶିଦିନ ନ ଥିବାବେଳେ ଆଉ କିଛି ବନ୍ଧୁତାର ଆୟୁଷ ଲମ୍ୱିଥାଏ ଅୟୁତ ଯୁଗକୁ...

## ମୋ ପାଇଁ ସେ ଥିଲେ ଭଗବାନ

*–ମହେନ୍ଦ୍ର କୁମାର ସାହୁ*

ଦୁଇ ସାଙ୍ଗ ତ ଦେଖିଥିବେ କିନ୍ତୁ ଦୁହେଁ ଏକାଭଳି ପିନ୍ଧିବା ଏକ ବିରଳ କଥା। ଏ ଦୁଇ ବନ୍ଧୁ ହେଲେ ଓଲ୍ଡ ଟାଉନ୍‌ର ଗୋକୁଳ ବିହାରୀ ପଟ୍ଟନାୟକ ଓ ମହେନ୍ଦ୍ର କୁମାର ସାହୁ। ୨୦୧୭ ମସିହା ଅକ୍ଟୋବର ୩୦ ତାରିଖରେ ଗୋକୁଳଙ୍କର ପରଲୋକ ହୋଇଯାଇଥିବାବେଳେ ଏବେ ତାଙ୍କରି କଥାକୁ ମନେ ପକାଉଛନ୍ତି ମହେନ୍ଦ୍ର। ପ୍ରାୟ ୪୦ ବର୍ଷ ତଳର କଥା। ରଥଗଡ଼ା ଛକଠାରେ ମୁଁ ଓରିଏଣ୍ଟ ଟାଇମ୍ ସେଣ୍ଟର ନାମରେ ଏକ ଘଣ୍ଟା ମରାମତି ଦୋକାନ କରିଥାଏ। ଦୋକାନ ପାଖରେ ଏକ ଗଛ ମୂଳରେ ଗୋକୁଳ ବସ୍‌କୁ ଅପେକ୍ଷା କରି ଛିଡ଼ା ହୁଅନ୍ତି। ସେତେବେଳେ ସେ ହାଣ୍ଡିକ୍ରାଫ୍ଟ କର୍ପୋରେଶନ୍‌ରେ କାମ କରୁଥାନ୍ତି। ଆମେ ଦୁହେଁ ପାଖାପଖି ରହୁଥିବାରୁ ସବୁବେଳେ ଦେଖା ବି ହୁଏ। ଦିନେ ସେ କହିଲେ ମହେନ୍ଦ୍ର ତମେ ତ ଏକା ରହୁଛ ଆସ ମୋ ସହିତ ରହିବ। ତାଙ୍କ ପରିବାର ସେତେବେଳେ ଜଙ୍କିଆର ଓଲସିଙ୍ଘାରେ ରହୁଥାନ୍ତି। ଆମେ ସାଙ୍ଗ ହୋଇ ରହିଲୁ। ଥରେ ତାଙ୍କ ପଞ୍ଜାବୀ ଦେଖି କହିଲି ଏଇଟା ବହୁତ ଭଲ ହୋଇଛି। ତା' ପରଦିନ ସେ ଯାଇ ମୋ ପାଇଁ ଠିକ୍ ସେମିତି ଗୋଟେ କିଣି ଆଣିଲେ। ଏହା ପରଠାରୁ ସେ ଯାହା ବି କିଣନ୍ତି ଆମ ଦୁଇଜଣଙ୍କ ପାଇଁ। ଜୁଆଡ଼େ ଯିବୁ ଦୁଇଜଣ। ଏମିତି କି ସେ ଅଫିସ୍ ଟୁର୍‌ରେ ଗଲେ ବି ମୁଁ ଯାଏ। ତାଙ୍କ ଖର୍ଚ୍ଚ ଅଫିସ୍ ଦିଏ ଆଉ ସେ ମୋ ପାଇଁ ସେ ଦିଅନ୍ତି। ମୋଠାରୁ ସେ ୧୫ ବର୍ଷ ବଡ଼ ଥିଲେ। ବୟସର ତାରତମ୍ୟ ସିନା ଥିଲା, କିନ୍ତୁ ମନର ତାରତମ୍ୟ ନ ଥିଲା। ତାଙ୍କ ସହିତ ଥିଲାବେଳେ ମୋର କିଛି ଚିନ୍ତା ନ ଥିଲା। ଦିନେ କହିଲେ ତତେ ୩୨ ବର୍ଷ ହେଲାଣି ତୋ ବାହାଘର କରିବା। ଝିଅ ବି ସେ ପସନ୍ଦ କଲେ। ବାହାଘର ହେବା ପରେ ମୁଁ ପାଖରେ ଗୋଟେ ଘର ନେଲି, ହେଲେ ଖାଇବା ପିଇବା ସବୁ ତାଙ୍କ ଘରେ। ତା'ପରେ ସେ ତାଙ୍କ ପରିବାରକୁ ଗାଁରୁ ନେଇଆସିଲେ। ଦୁଇ ପରିବାର ଭିତରେ ସମ୍ପର୍କ ସେମିତି ଅତୁଟ ରହିଲା। ପିଲାଙ୍କ ବିବାହ ଆଦି ସବୁ ବୁଝାବୁଝି ମୁଁ କରେ। ସବୁଥିରେ ତାଙ୍କର ଅଗାଧ ବିଶ୍ୱାସ ମୋ ଉପରେ। ଆମ ଭିତରେ କେବେ ମନୋମାଳିନ୍ୟ ହୋଇନି। କାରଣ ସେ ଜଣେ ଦେବତା ପରି ମଣିଷ। ରାଗ କ'ଣ ତାଙ୍କ ଭିତରେ ନ ଥିଲା। ଆଜି ସେ ନାହାନ୍ତି ତାଙ୍କ ବିନା ସତରେ ମୋ ଦୁନିଆ ଅଧା ହୋଇଯାଇଛି।

## ବନ୍ଧୁତା ରଖିବାର ଇଚ୍ଛା ଆମ ବନ୍ଧୁତାକୁ ବାନ୍ଧିରଖିଛି–*ପ୍ରଶାନ୍ତ ଦାଶ, ଅବସରପ୍ରାପ୍ତ ପ୍ରାଧ୍ୟାପକ*

୧୯୫୧ ମସିହାରେ ମୁଁ କ୍ୟାପିଟାଲ୍ ହାଇସ୍କୁଲକୁ ଆସିଲି। ସେଠାରେ ପ୍ରଫୁଲ୍ଲ, ନିକୁଞ୍ଜ ଓ ମୁଁ ଗୋଟିଏ ସେକ୍ସନରେ ରହି ଖୁବ୍ ସାଙ୍ଗ ହେଇ ଯାଇଥାଉ। ସ୍କୁଲ ସରିବା ପରେ ମୁଁ ଏସ୍‌ସିଏସ୍‌ରେ ପଢ଼ିଲି। ତା'ପରେ ବୁର୍ଲାରେ ପଢ଼ି ରାଉରକେଲା ଆରଇସିରେ ଅଧ୍ୟାପକ ଭାବରେ ଯୋଗ ଦେଲି। ସେଠାରୁ ପୁଣି ଖଡ଼ଗପୁର ଯାଇ ପଢ଼ିବା ପରେ ପୁଣି ଆର୍‌ଇସି ଫେରିଲି। ତେବେ ସବୁଠୁ ମଜାର କଥା ହେଲା ମୁଁ ଯେତେବେଳେ କ୍ଲାସ ନେବାକୁ ଗଲି ମୋ କ୍ଲାସରେ ଛାତ୍ରଭାବରେ ବସିଥାଏ ମୋ ପ୍ରିୟ ସାଙ୍ଗ ନିକୁଞ୍ଜ। ସେ ସେତେବେଳେ ଆର୍‌ଇସିରେ ଥାର୍ଡ ଇୟରର ଛାତ୍ର। ସେ କଲେଜ ପରେ ଇଞ୍ଜିନିୟରିଂ କରୁଥାଏ। କ୍ଲାସ ଭିତରେ ତ ସେ ଛାତ୍ର। କିନ୍ତୁ ବାହାରକୁ ଆସିବା ପରେ ଆମେ ପୁଣି ପୁରୁଣା ଦିନକୁ ଫେରିଯାଉ। ସାଙ୍ଗ ହେଇ ସାଇକେଲ ଚଲେଇବା, ମାର୍କେଟ ଯିବା, ଘଣ୍ଟା ଘଣ୍ଟା ଗପିବା ସବୁ ଚାଲିଥାଏ। ଏମିତିରେ ପଢ଼ା ସରିବା ପରେ ନିକୁଞ୍ଜ ଚାକିରି ପାଇଁ ବାହାରକୁ ଗଲା। ଆମେ ଦୂରେଇ ଗଲୁ ସତ କିନ୍ତୁ ଆମେ ତିନିଜଣ ପରସ୍ପରର ଖବର ରଖିଥିଲୁ। ସମ୍ପର୍କ ରଖିବାର ଇଚ୍ଛା ହିଁ ଏବେଯାଏ ଆମ ବନ୍ଧୁତାକୁ ଅତୁଟ ରଖିଛି। ଆଉ ଏବେ ଅବସର ପରେ ସମସ୍ତେ ଭୁବନେଶ୍ୱରରେ ରହୁଛୁ। ମୋ ପତ୍ନୀଙ୍କ ମୃତ୍ୟୁର ୧୦ ବର୍ଷ ହେଇଗଲାଣି। ବହିପଢ଼ା ଟିଭି ଦେଖା ଏସବୁରେ କେତେ ବା ସମୟ କଟିବ! ତେଣୁ ଆମେ ପରସ୍ପର ସହ କଥା ହେବାକୁ ଖୁବ୍ ବ୍ୟାକୁଳ ହେଉ। ପୁରୁଣା ଦିନର ସ୍ମୃତି ମନେପକାଇ କେତେବେଳେ ସମୟ ସରିଯାଏ ଜଣାପଡ଼େନି।

## ଅବସର ପୁଣି ଏକାଠି କରିଛି

*–ପ୍ରଫୁଲ୍ଲଚନ୍ଦ୍ର ଧୀର, ବିଶିଷ୍ଟ ଫଟୋଗ୍ରାଫର*

୧୯୫୧ ମସିହାର କଥା। ସେତେବେଳେ ମୁଁ କ୍ୟାପିଟାଲ ହାଇସ୍କୁଲରେ ସପ୍ତମ ଶ୍ରେଣୀ ଛାତ୍ର। ଆମ ସ୍କୁଲରେ ଝିଅଙ୍କ ସଂଖ୍ୟା କମ୍ ଥିବାରୁ ତାଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସେକ୍ସନ ହୋଇପାରିଲା ନାହିଁ। ତେଣୁ ତାଙ୍କ ସେକ୍ସନରେ ଦୁଷ୍ଟାମି କରୁ ନ ଥିବା ୭ଜଣ ପୁଅଙ୍କୁ ରଖାହେଲା, ଯେଉଁମାନଙ୍କ ଭିତରେ ଥିଲୁ ଆମେ ୩ଜଣ। ମୁଁ, ପ୍ରଶାନ୍ତ ଦାଶ ଓ ନିକୁଞ୍ଜ ମହାନ୍ତି। ଆମର ପାଠପଢ଼ା ଖେଳିବା ସବୁ ଏକାଠି। ପରୀକ୍ଷା ସମୟରେ ବି ଆମେ ଏକାଠି ହିଁ ପଢୁ। ଏବେ ବି ମନେପଡ଼େ ନିକୁଞ୍ଜ ଘର ୟୁନିଟ୍-୨ରେ ଆମେ ବସି ପଢୁଥିବାବେଳେ ରାତିରେ ନିଦ ଲାଗିଯିବ ବୋଲି ପରସ୍ପର ଗୋଡ଼ ବାନ୍ଧି ଦେଉ। ମାଟ୍ରିକ ପରେ ମୁଁ ଖ୍ରୀଷ୍ଟ କଲେଜରେ ପଢ଼ିଲି, ପ୍ରଶାନ୍ତ ଏସ୍‌ସିଏସ୍‌ରେ ଓ ନିକୁଞ୍ଜ ରେଭେନ୍ସାରେ।


ଯେବେ ଭୁବନେଶ୍ୱର ଆସୁ, ଏକାଠି ହେଉ। ରାଜମହଲ ହୋଟେଲରେ ବରା ଖାଇବା ସହ ଧୁମ୍ ବୁଲା ସହ ଗପ ହୁଏ। ପଢ଼ା ସରିବା ପରେ ମୁଁ ରେଲୱେରେ ଚାକିରି ପାଇ ଖଡ଼ଗପୁର ଗଲି ଓ ପରେ ଖୋର୍ଦ୍ଧା ଆସିଲି। ପ୍ରଶାନ୍ତ ରାଉରକେଲା ଆର୍‌ଇସିରେ ପ୍ରଫେସର, ତେଣୁ ସେ ରାଉରକେଲାରେ ଆଉ ନିକୁଞ୍ଜ ଇଞ୍ଜିନିୟରଭାବରେ ତାଳଚେରରେ। କିନ୍ତୁ ସମସ୍ତେ ସମସ୍ତଙ୍କ ସହିତ ଯୋଗାଯୋଗରେ ଥାଉ, ଦୁଃଖସୁଖ ବାଣ୍ଟୁ। ଭୁବନେଶ୍ୱର ଆସିଲେ ଦେଖାହୁଏ। ତେବେ ଅବସର ଆମ ସମସ୍ତଙ୍କୁ ଅଧିକ ଘନିଷ୍ଠ କରିଦେଲା। କାରଣ ସମସ୍ତେ ଭୁବନେଶ୍ୱରରେ ଘର କରି ରହିଲୁ। ଏକାଠି ହେବାର ଅଧିକ ସୁଯୋଗ ମିଳିଲା। ଆମେ ପ୍ରାୟ ଏକାଠି ହେଉ, ପୁରୁଣା ସ୍ମୃତିକୁ ମନେପକାଉ। ସମସ୍ତଙ୍କ କଥା ମନେପକାଉ କିଏ କେଉଁଠି ଅଛି। ଏମିତିରେ କେତେବେଳେ ସମୟ କଟିଯାଏ ଜଣାପଡେନି।

## ଭଲ ପାଇବା ଅଛି ବୋଲି ସମ୍ପର୍କ ଅଛି


*– ନିକୁଞ୍ଜ କିଶୋର ମହାନ୍ତି, ପରିବେଶବିତ୍*
*ଅବସରପ୍ରାପ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର*

କ୍ୟାପିଟାଲ ହାଇସ୍କୁଲରେ ପଢିବା ସମୟରେ ଆମସେକ୍ସନରେ ୨୨ ଜଣ ଝିଅରେ ଆମେ ଥିଲୁ ମାତ୍ର ୭ ଜଣ। ଯେଉଁମାନଙ୍କ ମଧ୍ୟରେ ଥିଲୁ ପ୍ରଫୁଲ୍ଲ, ପ୍ରଶାନ୍ତ ଆଉ ମୁଁ। ଖୁବ୍ ଡରି ଡରି ରହୁଥିଲୁ ଝିଅମାନଙ୍କୁ, କାଳେ କେଉଁ ଝିଅ ସାର୍‌ଙ୍କୁ କମ୍ପ୍ଲେନ୍ କରିଦେବ। ୧୯୫୬ ମସିହାରେ ଏକାଦଶ ପରେ ମୁଁ ରେଭେନ୍ସାରେ ପଢିଲି। ଛୁଟିରେ ଦେଖାହୁଏ। ରେଭେନ୍ସାରୁ କେମେଷ୍ଟ୍ରି ଅନର୍ସରେ ବିଏସ୍‌ସି କରିବା ପରେ ଇଞ୍ଜିନିୟରିଂ କରିବା ପାଇଁ ଆର୍‌ଇସି ଗଲି। ସବୁଠୁ ମଜାର କଥା ଥିଲା ସେଠାରେ ମୋର ପ୍ରଫେସର୍ ଥିଲେ ମୋର ପ୍ରିୟ ସାଙ୍ଗ ପ୍ରଶାନ୍ତ। କ୍ଲାସ୍‌ରେ ସିନା ସାର୍, କ୍ଲାସ୍ ପରେ ଆମ ବନ୍ଧୁତା ବେଶ୍ ଜମେ। ବୁଲାବୁଲି, ଗପ, ଖାଇବା ପିଇବାରେ କେମିତି ସମୟ କଟେ ଜଣାପଡେନି। ତା'ପରେ ତାଳଚର ଥର୍ମାଲରେ ଚାକିରି ପାଇ ମୁଁ ସେଠାରେ ରହିଲି। ସମସ୍ତେ ଅଲଗା ଅଲଗା ଥିଲୁ ସତ କିନ୍ତୁ ସମସ୍ତେ ସମସ୍ତଙ୍କ ମନ ଭିତରେ ଥିଲୁ। ପରସ୍ପରକୁ ଖୋଜୁଥିଲୁ। ଇରିଗେସନ୍ ଡିପାର୍ଟମେଣ୍ଟରେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟରଭାବେ ଅବସର ଗ୍ରହଣ କରିବା ପରେ ମୁଁ ଭୁବନେଶ୍ୱରରେ, ଏପଟେ ପ୍ରଶାନ୍ତ ଓ ପ୍ରଫୁଲ୍ଲ ବି ଭୁବନେଶ୍ୱରରେ। ତେଣୁ କହିବାକୁଗଲେ ଅବସର ଆମକୁ ଆହୁରି ନିକଟତର କରେଇ ଦେଇଛି। ଏବେ ଦେଖା ହେବାସହ ଫୋନ୍‌ରେ ଘଣ୍ଟା ଘଣ୍ଟା ଗପ। ତେବେ ଆମ ଭିତରେ ଏତେ ବର୍ଷ ଧରି ଏଇ ବନ୍ଧୁତା ସମ୍ପର୍କରେ ଗୋଟିଏ କଥା କହିବି ପରସ୍ପର ଭିତରେ ଭଲ ପାଇବା ଓ ଆମ ଭିତରେ ଅହଂକାର ନ ରହିବା। ଅବସର ପରେ ମୁଁ ପରିବେଶକୁ ନେଇ କାମ କରୁଛି। ପ୍ରଫୁଲ୍ଲର ଫଟୋଗ୍ରାଫୀ, ପ୍ରଶାନ୍ତର ପଢାପଢି। ଏସବୁ ପରେ ଆମେ ଯେତେବେଳେ ଏକାଠି ହେଉ ପୁରୁଣା ସ୍ମୃତି, ପୁରୁଣା କଥା ଆମକୁ ହଜାଇଦିଏ କେଉଁ ଦୂରକୁ ଦୂରକୁ।

**–ରୋଜାଲିନ୍ ମହାନ୍ତି**



ପ୍ରଶାନ୍ତ ଦାଶ



ମହେନ୍ଦ୍ର କୁମାର ସାହୁ



ନିକୁଞ୍ଜ କିଶୋର ମହାନ୍ତି



ପ୍ରଫୁଲ୍ଲଚନ୍ଦ୍ର ଧୀର





# ପୁଣି ବର୍ଷା

କିଛି କୁହନି ଆଉ,
ମୁଁ ଜାଣିଛି,
ସ୍ଥିର ସମୁଦ୍ରର ଭିତିରି କଥା
ଅନାବଶ୍ୟକ ନୀରବତାର
ଅସଲ ପରିଚୟ ,ବୁଝିଛି
ଧୀର ପାଣି କାହିଁକି ପଥର କାଟେ ?

ତଥାପି ଯଦି, କହିବ କହିବ ବୋଲି ଭାବୁଛ
ତେବେ କହିଦିଅ, ହାଲ୍କା କର ନିଜକୁ
ଢାଳି ଦିଅ, ସାରା ଆକାଶଟାର ବର୍ଷା
ଗୋଟିଏ କ୍ଷଣରେ ,
କାଟି ଦିଅ ସମ୍ପର୍କର ଖିଅ ପଦିଏ ନା'ରେ।

ଆଉ ପଛେଇ ପଛେଇ ଚାଲନି,
ଏବେ ପଛ କରି ଦୌଡି ପାର !
ମିଶିଯାଇ ପାର ବଢୁଥିବା ଭିଡ ଭିତରେ
ମୋ କଥା ଭାବୁଛ କି ? ଭାବନି !
ମୋ ଅପଲକ ଦୃଷ୍ଟି ତ ସେଇମିତି ରହିଥିବ
ତୁମେ ଧୀରେ ଧୀରେ ଅଦୃଶ୍ୟ ହେଇ,
ବିନ୍ଦୁଟିଏ ହବାଯାଏ ।

**–ଦିଲିପ କୁମାର ତ୍ରିପାଠୀ**
ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନ ଦେଇପୁର ଶାସନ
ମୋ–୯୭୭୮୧୦୬୧୦୫

# ବନ୍ଧୁତା..

ଲେଖିବି ବା କେଉଁ ଅଳଙ୍କାର ଦେଇ
ନେବି କେଉଁ ଛନ୍ଦ ସାହାରା
ବର୍ଣ୍ଣନା କରିବି କେଉଁ ଉପମାରେ
ସେ ସମ୍ପର୍କ ଟା ପରା ନିଆରା ।।
ଶସ୍ତ୍ର ହେଇ ସିଏ ପାଖେ ପାଖେ ଥାଏ
ଶାସ୍ତ୍ର ହେଇ ବାଟ ଦିଏ ସେ ବତାଇ
ବନ୍ଧୁତା ସେ ପରା ସବୁଠୁ ନିଆରା
ହୃଦୟେ ସେ ବନ୍ଧା ସବୁ ଦିନ ପାଇଁ ।।

**–ସୋନା ମୋନା ପ୍ରଧାନ,**
ଭରତପୁର, ଭୁବନେଶ୍ୱର

# ନାରୀ

କେଜାଣି କେବେ,
କେଉଁଠାରେ ଓ କାହିଁକି
ମୋ ଭିତରେ ଜଳି ଉଠିଥିଲା
ବିପ୍ଳବର ନିଆଁ,
ବୟସ ସହ ଖେଳିଗଲା
ଅଜସ୍ର ପ୍ରଶ୍ନର ସୁଅ,
ପ୍ରତିଟି ଗଳିକନ୍ଦି ଦେଇ
ମନ ଖୋଜିବାକୁ ଲାଗିଲା ଉତ୍ତର
କିଲବିଲ କଲା ସହସ୍ର ଦ୍ୱନ୍ଦ୍ୱ,
ଅନ୍ତରରୁ ଜିହ୍ୱା ଯାଏଁ
ଉକୁଟି ଆସିଲା
ପ୍ରତିବାଦର ସ୍ୱର,
ପରାଧୀନ ଆତ୍ମା ସବୁ
ହୋଇ ଉଠିଲେ
ପରାକ୍ରମଶାଳୀ
ହେଲେ କବାଟ ଖୋଲି
ପାଦ ଥୋଇଲା ବେଳକୁ
ଦେଖେତ
ସମାଜ କହୁଛି
"ନାରୀ ପରା ସର୍ବଂସହା"

**–ଯାଜ୍ଞସେନୀ ସାହୁ**
ସେମିଳିଗୁଡା,କୋରାପୁଟ
ମୋ–୭୦୦୮୧୫୩୭୯୩

# କାଳି ହୁଡି

**– ଶିବ ମିଶ୍ର**

ଗାଁ ମଝିରେ ଚାଳକୁ ଚାଳ ଲାଗିଥିବା ଦୁଇଟି ଘରେ ରହନ୍ତି ଦୁଇଜଣ ବିଧବା ବୁଢୀ ସେଥିରୁ ଜଣେ କାଳି ଆଉ ଜଣେ ଗୋରୀ। ଘରର ପାଇଟି ସବୁ ବୋହୂ ମାନେ ସମ୍ଭାଳି ନେଉଥିବାରୁ,ବୁଢ଼ୀ ଦୁହିଁଙ୍କର ସମୟ ଫାଙ୍କା। ତେବେ ସେ ଫାଙ୍କା ସମୟକୁ ବେକାର କରି ନଦେଇ ସେମାନେ କଳିକଜିଆ ଲଗାଇ ଦିଅନ୍ତି। ପାଳି କଲାପରି ଆଜି କାଲି ତ କାଲି ଗୋରୀବୁଢୀ ସକାଳୁ ସକାଳୁ ଦାଣ୍ଡ ପିଣ୍ଡାକୁ ଆସି ବଡ଼ ପାଟିରେ– ଆ'ଲୋ କଳିହୁଡି ଆ' ବୋଲି ପ୍ରତିପକ୍ଷକୁ ଡାକ ପକାନ୍ତି। ତା'ପରେ ଖୋଲନ୍ତି କଳିପେଡି। ସକାଳୁ ସଞ୍ଜ ଯାଏଁ ଚାଲେ କଳି କାର୍ଯ୍ୟକ୍ରମ। ମଝିରେ ଖାଇବା ପାଇଁ ଘଡ଼ିଏ ବିରତି ରହେ। କୌଣସି କାରଣ ନଥାଇ ଏମିତି କଳି କରିବା ଉଚିତ ନୁହେଁ ବୋଲି ଉଭୟଙ୍କ ଘର– ଲୋକେ କହିଲା ବେଳେ ବୁଢ଼ୀ ଦୁହେଁ ହସି ଦେଇ ସେମାନଙ୍କ କଥାକୁ ଏକାନେ ପୂରାଇ ସେ କାନେ ନିକାଲି ଦିଅନ୍ତି। ସେଦିନ ପାଳି ମୁତାବକ ରାତି ପାହୁ ପାହୁ ଗୋରୀବୁଢୀ ଦାଣ୍ଡ ଦୁଆରକୁ ଆସି–ଆ'ଲୋ କଳି ହୁଡି ଆ' ବୋଲି ଡାକ ପକାଇବାରୁ– ଘର ଭିତରେ ଥିବା କାଳିବୁଢ଼ୀ ତର ତର ହୋଇ ବାହାରି ଆସିଲା ବେଳେ ଖସିଗଲା ଗୋଡ଼କୁ ସମ୍ଭାଳି ନ ପାରି ବାରଣ୍ଡାତଳେ ପଡିଗଲେ। ତାଙ୍କ ଆଡକୁ ଚାହିଁ ବସିଥିବା ଗୋରୀ ବୁଢୀ– ମୋ କଳିହୁଡି ପଡିଗଲାଲୋ, ବୋଲି ରଡିଟାଏ ଛାଡ଼ି ଧାଇଁ ଯାଇ ତାଙ୍କୁ ଉଠାଇ ତାଙ୍କ ଦେହ ମୁହଁରେ ଲାଗିଥିବା ଧୂଳି ବାଲି ସବୁକୁ ନିଜ ପିନ୍ଧା ଲୁଗା କାନିରେ ଝାଡି ପକାଇଲା ବେଳେ କହୁଥିଲେ–ମତେ ମରଣ ହଉ। କେଡେ କଥା ହେଲାଲୋ ମା'। ତୋ ଅଣ୍ଟା ମାଡ଼ ହୋଇ ଯାଇଥିବ, ଆମ ଘରେ ମଇଲମ ଅଛି ରହ ମୁଁ ଆଣୁଛି,ମାଲିସ୍ କରି ଦେବି ଯେ, ତତେ ଟିକିଏ ଆରାମ ଲାଗିବ। କାଳିବୁଢୀ କହିଲେ– ମୋର କିଛି ହେଇନି ଲୋ' ତୁ କିଆଁ ବିକଳ ହଉଛୁ କହିଲୁ ? ସେ ଦୁଇ ବୁଢ଼ୀଙ୍କର ପୁଅ ବୋହୂ ମାନେ କେତେ ବେଳୁ ଆସି ଟିକିଏ ଦୂରରେ ଠିଆ ହୋଇ ଦେଖୁଥିଲେ–ସବୁବେଳେ କଳିକଜିଆ କରୁଥିବା ଦୁଇ କଳିହୁଡି ବୁଢୀଙ୍କ କୋଳା କୋଳି ଦୃଶ୍ୟ।

*– ବାଣପୁର,ଖୋରଧା*
*ମୋ–୯୮୫୩୦୭୦୦୧୮/୭୦୭୭୭୭୭୫୯୧*



# ବନ୍ଧୁତ୍ୱ


ବନ୍ଧୁତ୍ୱଠୁ ବଳି ନାହିଁ କିଛି ଆଉ
ବନ୍ଧୁତ୍ୱ ଅମୂଲ ମୂଲ
ପଶୁ ପକ୍ଷୀ କୀଟ ପତଙ୍ଗଟି ପାଇଁ
ବନ୍ଧୁତ୍ୱ ରଜ୍ଜୁ ହିଁ ବଳ।
କୃଷ୍ଣ ସୁଦାମାଙ୍କ ଅତୁଟ ବନ୍ଧୁତ୍ୱ
ଦ୍ୱାପର ରହିଛି ସାକ୍ଷୀ।
ଖୁଦଭଜା ପାଇଁ ସୁଦାମାଙ୍କୁ କୃଷ୍ଣ
ମନ ଦେଇଥିଲେ ବିକି।
ବନ୍ଧୁତ୍ୱ ବୁଝେନା ଉଚ୍ଚ ନୀଚ ଧନୀ
ଦରିଦ୍ର ଅଜାତି ଜାତି
ବନ୍ଧୁତ୍ୱରେ ଫୁଟେ ମଣିଷ ପଣିଆ
ବଞ୍ଚିରହେ ଲୋକ କୀର୍ତ୍ତି।

**–ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା
ମୋ–୯୩୩୭୩୩୫୮୩୮



# ଟାଇଗରଙ୍କ ପ୍ରଶଂସାରେ କାର୍ତ୍ତିକ

କାର୍ତ୍ତିକ ଆର୍ଯ୍ୟନଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ଯୁଆଡେ ଗଲେ ତାଙ୍କୁ ଏମିତି ପ୍ରଶଂସା କରୁଛନ୍ତି ଯେ, ଶୁଣିବା ଲୋକ ତାଜୁବ। ସେ ହେଲେ ଟାଇଗର ଶ୍ରଫ। ବର୍ତ୍ତମାନ ବଲିଉଡ୍‌ର ଇମର୍ଜିଂ ଷ୍ଟାର ମଧ୍ୟରେ ଟାଇଗର ଅନ୍ୟତମ। ତାଙ୍କ ଅଭିନୀତ ସିନେମାଗୁଡିକ ବ୍ୟାକ୍-ଟୁ-ବ୍ୟାକ୍ ହିଟ୍ ହେଉଛି। 'ଟାଇଗରଙ୍କଠାରେ ଅଭିନୟ ଦକ୍ଷତା ଭରି ରହିଛି। ଭୂମିକାଟି ଯେପରି ହେଉ ନା କାହିଁକି ତାକୁ ତୁଲାଇବାର କ୍ଷମତା ତାଙ୍କଠାରେ ରହିଛି। କେବଳ ଡ୍ୟାନ୍ସ ନୁହେଁ, ଫାଇଟ୍‌ରେ ସେ ଯୁବପିଢ଼ିଙ୍କ ମନ ଜିଣି ନେଇଛନ୍ତି ବୋଲି କହନ୍ତି କାର୍ତ୍ତିକ।' ହେଲେ ଜାଣିଛନ୍ତି କାର୍ତ୍ତିକଙ୍କ ପ୍ରକୃତ ନାମ କ'ଣ ? କାର୍ତ୍ତିକ ତିୱାରୀ। ବଲିଉଡ୍‌ରେ କ୍ୟାରିୟର ଆରମ୍ଭ ପରେ ସେ ନିଜ ନାମକୁ ପରିବର୍ତ୍ତନ କରି କାର୍ତ୍ତିକ ଆର୍ଯ୍ୟନ ରଖିଥିଲେ। ଅଭିନୟ ପୂର୍ବରୁ ଜଣେ ବୈଜ୍ଞାନିକ ହେବାର ତାଙ୍କର ଇଚ୍ଛା ଥିଲା। ଦୀପିକା ପାଦୁକୋନ୍‌ଙ୍କ ଅଭିନୟ ତାଙ୍କୁ ବେଶ୍ ପ୍ରଭାବିତ କରିଛି ବୋଲି ସେ କହନ୍ତି।



# ଫିଟ୍‌ନେସ୍ ଟିପ୍ସ ବାଣ୍ଟୁଛନ୍ତି ସୋନମ୍

ସୋନମ୍ କପୁର ଏବେ ନିଜ ଫିଟ୍‌ନେସ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ପ୍ରତିଦିନ ପୂର୍ବାପେକ୍ଷା ଅଧିକ ସମୟ ଜିମ୍‌ରେ କଟାଉଛନ୍ତି। ଏହାବ୍ୟତୀତ ସାଙ୍ଗସାଥିମାନଙ୍କୁ ଫିଟ୍‌ନେସ ଟିପ୍ସ ମଧ୍ୟ ବାଣ୍ଟୁଛନ୍ତି ସୋନମ। ଏ ସମ୍ପର୍କରେ ସେ କହନ୍ତି, 'ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ମୁଁ ନିଜର ଫିଟ୍‌ନେସ ପ୍ରତି ଗୁରୁତ୍ୱ ଦେଉଥିଲି। ଏବେ ସକାଳେ ଦୁଇ ଘଣ୍ଟା ଏବଂ ସନ୍ଧ୍ୟାରେ ଘଣ୍ଟାଏ ଜିମ୍‌ରେ ଏକ୍ସରସାଇଜ କରୁଛି। ତା'ସହ ଡାଏଟିଂ ମଧ୍ୟ ଚାଲିଛି। କାରଣ ମୁଁ ହେଲ୍‌ଥକୁ ନେଇ ଫୁଲ୍ କସସ୍। ନିଜକୁ ଫିଟ୍ ରଖିବାକୁ କ'ଣ କରିବାକୁ ପଡିବ ତାହାକୁ ମୁଁ ଗୋଟି ଗୋଟି ଫଲୋ କରୁଛି। ଏ ନେଇ ମୋ ପତିଦେବ ଆନନ୍ଦ ଆହୁଜା ମୋତେ ସବୁବେଳେ ଉତ୍ସାହିତ କରିଥାଆନ୍ତି। ନିକଟରେ ମୁଁ ମୋର କେତେଜଣ ସାଙ୍ଗଙ୍କୁ ଫିଟ୍‌ନେସ ଟିପ୍ସ ମଧ୍ୟ ଦେଇଛି।



# କାହାଣୀ ସନ୍ଧାନରେ କଙ୍ଗନା

ଲକ୍‌ଡାଉନ୍ ସମୟରେ ଶୁଟିଂ ବନ୍ଦ। ତେଣୁ ଗତ କିଛି ମାସ ଧରି କଳାକାରମାନେ ଘରେ ହିଁ ରହୁଛନ୍ତି। ଆଉ ସେଥିରୁ କଙ୍ଗନା ବାଦ୍ ପଡ଼ନ୍ତେ କିପରି ? ହେଲେ ଘରେ ରହିବା ସମୟରେ ସେ ଗୋଟିଏ କାମରେ ନିଜକୁ ନିୟୋଜିତ ରଖିଛନ୍ତି। ତାହା କ'ଣ ଜାଣନ୍ତି ? କାହାଣୀ ଖୋଜିବା। ନାରୀଭିତ୍ତିକ ଏକ ଦମଦାର କାହାଣୀ ସନ୍ଧାନରେ ସେ ଅଛନ୍ତି। ନିଜର ଏଭଳି କାହାଣୀ ମିଶନ ସମ୍ପର୍କରେ କଙ୍ଗନା କହନ୍ତି, 'ଏବେ ତ ଶୁଟିଂ ନାହିଁ। କେବଳ ଘରେ ହିଁ ରହିବାକୁ ପଡୁଛି। ତେଣୁ ବସିବା ଠାରୁ କାଶିବା ଭଲ ପରି ମୁଁ କାହାଣୀ ଖୋଜିବାରେ ବ୍ୟସ୍ତ ରହିଛି। ବଲିଉଡ୍‌ର ଜଣେ ନାମୀ ନିର୍ଦ୍ଦେଶକଙ୍କ ସହ ମୋର ଫୋନ୍‌ରେ ବାର୍ତ୍ତାଳାପ ସମୟରେ ସେ ଏନେଇ ମୋତେ ଉତ୍ସାହିତ କରିଥିଲେ। ବିଶେଷଭାବରେ ଜଣେ ନାରୀ ଜୀବନର ସଂଘର୍ଷମୟ କାହାଣୀଟିଏ ମୋର ଦରକାର। ରାଣୀ ଲକ୍ଷ୍ମୀବାଈଙ୍କ ବାୟୋପିକ୍‌ରେ ଅଭିନୟ କରିବା ପରେ ଏପରି କାହାଣୀ ପ୍ରତି ମୋର ଆଗ୍ରହ ହୋଇଥିଲା। ବାସ୍, ଠିକ୍ ସମୟରେ ନିର୍ଦ୍ଦେଶକ ମୋତେ ଉତ୍ସାହିତ କରିବା ପରେ ଏହି କାମରେ ଏବେ ଲାଗି ପଡିଛି।' ଖାସ୍ କଥା ହେଲା, ଭଲ କାହାଣୀଟିଏ ମିଳିବା ପରେ ତାକୁ ନେଇ ନିର୍ମିତ ହେବାକୁ ଥିବା ଫିଲ୍ମର ନାୟିକା ସାଜିବେ ନିଜେ କଙ୍ଗନା। ତେବେ ସେ କିପରି ଏକ କାହାଣୀ ଖୋଜି ପାଉଛନ୍ତି ତାହା ଦେଖିବାକୁ ବାକି ରହିଲା।




# ଅନୁତାପ କରୁଛନ୍ତି ହୁମା

ହୁମା କ୍ୟୁରେସି ଏବେ ଅନୁତାପ କରୁଛନ୍ତି। ଲଗାତର ତିନୋଟି ଅଫର ସିନା ହାତଛଡା କଲେ, ହେଲେ ଏବେ ଭାବୁଛନ୍ତି ସେ ନେଇ ଆଉ ଟିକେ ଗଭୀର ଭାବରେ ଚିନ୍ତା କରିଥିଲେ ଭଲ ହୋଇଥାଆନ୍ତା। କଥା କ'ଣ କି ଲକ୍‌ଡାଉନ୍ ସମୟରେ ହୁମାଙ୍କୁ ତିନୋଟି ଅଫର ମିଳିଥିଲା। ହେଲେ ଏଗୁଡିକୁ ସେ ହାତଛଡା କରିଛନ୍ତି। ଏ ସମ୍ପର୍କରେ ହୁମା କହନ୍ତି, 'ବିଶେଷଭାବରେ ନିକଟରେ ମୋତେ ଅଫର ମିଳିଥିବା ଫିଲ୍ମ ତିନୋଟିର କାହାଣୀ ମୋତେ ପ୍ରଭାବିତ କରି ନ ଥିଲା। ତେଣୁ ସେଥିରେ ଆକ୍ଟିଂ କରିବାକୁ ମନା କରିଦେଇଥିଲି। ହେଲେ ଏବେ ଭାବୁଛି ସେ ସମୟରେ ମୋର ଆଉ ଟିକେ ଚିନ୍ତା କରିବାର ଥିଲା। ଏବେ ସେହି ବିଷୟରେ ଭାବିଲେ କିଛି ଲାଭ ନାହିଁ। କେବଳ ଅନୁତାପ ହିଁ ସାର। ଶୁଣିବାକୁ ପାଉଛି ଯେ ରେମ୍ୟୁନିରେଶନ ପାଇଁ ମୁଁ ସେଥିରେ ଆକ୍ଟିଂ କରିବାକୁ ମନା କରିଥିଲି। ଏକଥା ଆଦୌ ସତ ନୁହେଁ।' ତେବେ ଫିଲ୍ମ ତିନୋଟିକୁ ରେଡ୍ ସିଗନାଲ ଦେଖାଇବା ପଛରେ କ'ଣ ସତ୍ୟତା ରହିଛି ତାହା କେବଳ ହୁମାଙ୍କୁ ହିଁ ଜଣା।



# ମଡେଲ ମିରର୍



ସୌମ୍ୟରଞ୍ଜନ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ବ୍ଲଡ ଗ୍ରୁପ୍

ଡାକ୍ତର ରାଧେମୋହନଙ୍କୁ- ଆପଣ ଓ ଆପଣଙ୍କ ସ୍ତ୍ରୀଙ୍କ ବ୍ଲଡ୍ ଗ୍ରୁପ୍ ସମାନ ଅଟେ।
ରାଧେମୋହନ- ହଁ, ହେଇଥିବ। ୨୪ ବର୍ଷ ହେଲା ତ ସେ ମୋ ରକ୍ତ ଶୋଷି ଆସୁଛି।

## କର୍ମଫଳ

ସ୍ତ୍ରୀ ସ୍ୱାମୀଙ୍କୁ- ହେଇଟି ଜାଣିଚ, ଆମର ବାହାଘର କରିଥିବା ପଣ୍ଡିତ ଆଜି ମରିଗଲେ।
ସ୍ୱାମୀ- ଦିନେ ନା ଦିନେ ତାକୁ ତା' କର୍ମର ଫଳ ମିଳିବାର ଥିଲା।


## ମୂର୍ଖ

ଯୁବକ ଗର୍ଲଫ୍ରେଣ୍ଡର ବାପାଙ୍କୁ ଦେଖା କରିବାକୁ ଯାଇଥାଏ।
ଗର୍ଲଫ୍ରେଣ୍ଡର ବାପା- ମୋତେ ତୁମେ ଆଦୌ ପସନ୍ଦ ନୁହଁ। ମୁଁ ଚାହୁଁନି ମୋ ଝିଅ ଜଣେ ମୂର୍ଖ ସହ ସାରା ଜୀବନ ରହୁ।
ଯୁବକ- ମୁଁ ବି ଚାହୁଁନି ଆପଣଙ୍କ ଝିଅ ଜଣେ ମୂର୍ଖଙ୍କ ସହ ସାରା ଜୀବନ ରହୁ। ସେଇଥିପାଇଁ ତ ତାକୁ ମୁଁ ଏଠାରୁ ନେଇ ଯିବାକୁ ଆସିଛି।





# ସୁନ୍ଦର ଦେଶର କଥା



ଆମ ପୃଥିବୀ ବଡ଼ ବିଚିତ୍ର। ଏ ପୃଥିବୀରେ ବିଭିନ୍ନ ଦେଶ ରହିଛି। ଆଉ ପ୍ରତ୍ୟେକ ଦେଶରେ କିଛି ନା କିଛି ଭିନ୍ନକଥା ଦେଖିବାକୁ ମିଳିଥାଏ। ସେହିସବୁ ଦେଶର ଇତିହାସ ମଧ୍ୟ ବଡ଼ ବିଚିତ୍ର। ସେସବୁ ଇତିହାସମାନଙ୍କରେ ଏଭଳି ଅନେକ ଘଟଣା ଲୁଚି ରହିଥାଏ, ଯାହାକୁ ଜାଣି ଆମେ ବିସ୍ମିତ ହୋଇଯାଉ। ସେହିଭଳି ଏକ ରାଷ୍ଟ୍ର ହେଉଛି ମେକ୍ସିକୋ। ଏକ ଉତ୍ତର ଆମେରିକୀୟ ରାଷ୍ଟ୍ର। ଏହାର ଇତିହାସ ଆଶ୍ଚର୍ଯ୍ୟଜନକ ଘଟଣା ଓ କାର୍ଯ୍ୟକଳାପରେ ଭରପୂର। ମେକ୍ସିକୋକୁ ବିଶ୍ୱର ୧୪ତମ ବଡ଼ ରାଷ୍ଟ୍ର ଭାବରେ ବିବେଚନା କରାଯାଇଥାଏ। ସେତିକିନୁହେଁ, ଏହାକୁ ସବୁଠୁ ସୁନ୍ଦରତମ ଦେଶ ଭାବରେ ମଧ୍ୟ ମାନ୍ୟତା ଦିଆଯାଏ। ଏଠାରେ ଏମିତି କିଛି କଥା, ଘଟଣା, କୀର୍ତ୍ତିରାଜି ରହିଛି; ଯାହା ମେକ୍ସିକୋକୁ ବିଶ୍ୱ ଇତିହାସରେ ନିଆରା ସ୍ଥାନ ପ୍ରଦାନ କରିଛି।


**ଘଣ୍ଟାକରେ ତିନି ରାଷ୍ଟ୍ରପତି:** ଆଜିକୁ ପ୍ରାୟ ୧୦୭ ବର୍ଷ ପୂର୍ବେ ମେକ୍ସିକୋରେ ଘଟିଥିଲା ଏମିତି ଏକ ଘଟଣା, ଯାହା ଏବେ ସୁଦ୍ଧା ଏକ ଆଶ୍ଚର୍ଯ୍ୟଜନକ ଘଟଣା ହୋଇ ରହିଛି। ନା ସେମିତି ଘଟଣା ଆଗରୁ କେଉଁଠି ଘଟିଥିଲା। ନା ସେଭଳି ଘଟଣା ପରେ କେଉଁଠି ଘଟିଛି। ଗୋଟିଏ ଘଣ୍ଟା ମଧ୍ୟରେ ତିନିତିନିଜଣ ବ୍ୟକ୍ତି ଏହି ରାଷ୍ଟ୍ରର ରାଷ୍ଟ୍ରପତି ଆସନରେ ବସିଥିଲେ। ଏହି ଘଟଣାକୁ ବିଶ୍ୱର ରାଜନୀତି ସମୀକ୍ଷକମାନେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଭାବରେ ଅଭିହିତ କରନ୍ତି। ୧୯୧୩ ମସିହା। ଫେବୃଆରୀ ମାସ। ସେତେବେଳେ ରାଷ୍ଟ୍ରପତି ଥିଲେ ଫ୍ରାନ୍ସିସ୍କୋ ଆଇ ମୈଡେରୋ। ତାଙ୍କର କାର୍ଯ୍ୟକାଳ ଶେଷ ହୋଇଗଲା। ସେ ରାଷ୍ଟ୍ରପତି ପଦରୁ ହଟିଗଲେ। ଏହାପରେ ଖାଲି ସ୍ଥାନ ପୂରଣ କରିବାର ପାଳି। ତାଙ୍କ ପରେ ପେଡ୍ରୋ ଲସ୍କୁରିନ୍ ରାଷ୍ଟ୍ରପତି ଆସନରେ ବସିଲେ। ମାତ୍ର ରାଷ୍ଟ୍ରପତି ଆସନ ପେଡ୍ରୋଙ୍କ ପାଇଁ ଆଦୌ ସହଜସାଧ୍ୟ ନ ଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ମାତ୍ର କିଛି ମିନିଟ୍ ମଧ୍ୟରେ ପେଡ୍ରୋ ରାଷ୍ଟ୍ରପତି ଆସନରୁ ଇସ୍ତଫା ଦେଇଦେଲେ। ତଥ୍ୟ ଅନୁଯାୟୀ, ପେଡ୍ରୋ ମାତ୍ର ୨୬ମିନିଟ୍ ପାଇଁ ରାଷ୍ଟ୍ରପତି ଆସନରେ ବସି ଏକ ବିଶ୍ୱରେକର୍ଡ଼ କରିଥିଲେ। ନା ତାଙ୍କ ପୂର୍ବରୁ କେହି ଏତେ କମ୍ ସମୟ ପାଇଁ ରାଷ୍ଟ୍ରପତି ହୋଇଥିଲେ ନା ତାଙ୍କ ପରେ ଆଉ କେହି ଏତେ କମ୍ ସମୟ ଲାଗି ରାଷ୍ଟ୍ରପତି ହୋଇଛନ୍ତି। ସେଥିଲାଗି ପେଡ୍ରୋଙ୍କର ରେକର୍ଡ଼ଟି ଏବେ ସୁଦ୍ଧା ଅକ୍ଷୁଣ୍ଣ ରହିଛି। ସେ ଯା'ହେଉ ଏହାପରେ ପୁଣି ରାଷ୍ଟ୍ରପତି ପଦ ଖାଲିପଡ଼ିଲା। ସେହି ଆସନରେ ବସିଲେ ଭିକ୍ଟୋରିଆନୋ ହୁଏର୍ଟା।

**୨ହଜାର ବର୍ଷର ଗଛ :** ମେକ୍ସିକୋ ଇତିହାସର ଆଉ ଏକ ବିସ୍ମୟ ହେଉଛି ଏହାର ୨ହଜାର ବର୍ଷର ପୁରୁଣା ମୋଣ୍ଟେଜୁମା ସାଇପ୍ରସ୍ ବୃକ୍ଷ। ମେକ୍ସିକୋର ଲୋକମାନେ ଏହି ଗଛକୁ ଦେବତାମାନଙ୍କର ଗଛ ବୋଲି ମଧ୍ୟ ମାନିଥାନ୍ତି। ସେଠାରେ ଏହି ଗଛ ରହିଥିବା ସ୍ଥଳକୁ ଏକ ଦର୍ଶନୀୟ ସ୍ଥାନ ବୋଲି କହିଲେ ମଧ୍ୟ ଭୁଲ୍ ହେବନାହିଁ। ପିଢ଼ି ପରେ ପିଢ଼ି ଏହି ଗଛକୁ ଲୋକମାନେ ଏକ ମିରାକ୍ଲ ବୋଲି ଭାବି ଆସିଛନ୍ତି। ଏହି ଗଛ ଦୁଇହଜାର ବର୍ଷର ମେକ୍ସିକୋକୁ ଦେଖିଛି। ଏହାର ଉଚ୍ଚତା ୪୦ଫୁଟରୁ ବହୁ ଅଧିକ। ଏବେ ମଧ୍ୟ ଏହି ଗଛର ସତେଜତା ଉଦ୍ଭିଦ ବିଜ୍ଞାନୀମାନଙ୍କୁ ବିସ୍ମିତ କରିଦେଇଥାଏ।

**ସାନ ଜ୍ୱାଳାମୁଖୀ :** ଜ୍ୱାଳାମୁଖୀ ବା ଆଗ୍ନେୟଗିରି କହିଲେ ଆମମାନଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଯାଏ। ଆଗ୍ନେୟଗିରି ହେଉଛି ପ୍ରକୃତିର ଏକ ବିସ୍ମୟ। ପୃଥିବୀର ଅଭ୍ୟନ୍ତରରେ ଭୌଗୋଳିକ ସନ୍ତୁଳନ ହ୍ରାସ ପାଇଲେ ଏହି ଜ୍ୱାଳାମୁଖୀମାନେ ପୃଥିବୀ ଉପରକୁ ଉଠି ଆସିଥାନ୍ତି। ପୃଥିବୀର ବହୁ ସ୍ଥାନରେ ଅନେକ ଜ୍ୱାଳାମୁଖୀ ରହିଛି। ତେବେ ଜାଣନ୍ତି କି ପୃଥିବୀର ସବୁଠୁ ଛୋଟ ଜ୍ୱାଳାମୁଖୀ କେଉଁଠି ରହିଛି ? ତାହା ମଧ୍ୟ ରହିଛି ଏଇ ମେକ୍ସିକୋରେ। ଏହାର ନାମ କ୍ୟୁସ୍କୋମେଟ୍। ଏହା ୧୩ଫୁଟ ଲମ୍ବା ଏବଂ ୨୩ ମିଟର ଚଉଡ଼ା।

**ଚିଚେନ ଇଜା :** ମଣିଷ ପାଇଁ ସବୁଠୁ ରହସ୍ୟମୟ କଳାକୃତି ହେଉଛି ପିରାମିଡ୍। ପିରାମିଡ୍‌କୁ ନେଇ ଅନେକ ଇତିହାସ, ଅନେକ କଥା କାହାଣୀ ଅଛି। ମେକ୍ସିକୋରେ ରହିଥିବା ପିରାମିଡ୍ ବିଷୟରେ କୁହାଯାଏ ଯେ, ଏହାକୁ ମାୟା ସଭ୍ୟତା କାଳରେ ନିର୍ମାଣ କରାଯାଇଥିଲା। ମେକ୍ସିକୋର ଏହି ପିରାମିଡ୍‌ର ନାମ ଚିଚେନ ଇଜା। ଏହି ପିରାମିଡ୍‌କୁ ନେଇ ମେକ୍ସିକୋର ଇତିହାସ ବେଶ୍ ସମୃଦ୍ଧ।











# ପ୍ଲାଷ୍ଟିକ୍ ବୋତଲରେ ତିଆରି କଲେ ଦ୍ୱୀପ

ଯେଉଁଠି ସୃଜନଶୀଳତା ରହିଛି, ସେଠି କୌଣସି ଜିନିଷ ଅଦରକାରୀ ହୁଏନା। ସବୁକିଛିର ସୁନ୍ଦର ଓ ସଦ୍‌ବ୍ୟବହାର ହୋଇଥାଏ। ଯେମିତି କି ଆଜିକାଲି ପ୍ଲାଷ୍ଟିକ୍‌କୁ ସବୁଠୁ ବଡ ସମସ୍ୟା ଭାବୁଥିବାବେଳେ ଜଣେ ବ୍ୟକ୍ତି ଏହାକୁ ଏକ ଚମତ୍କାର ଉପାୟରେ ବ୍ୟବହାର କରିଛନ୍ତି। ଆଉ ଏକ ଅସମ୍ଭବ କାମ କରି ଦେଖାଇଛନ୍ତି। ସେ ହେଉଛନ୍ତି ରିଚର୍ଟ ସୋୱା । ରିଚର୍ଟଙ୍କ ଅନୁସାରେ ପ୍ଲାଷ୍ଟିକ ବୋତଲକୁ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିବା ଉଚିତ। କାରଣ ଏଗୁଡିକ ମାଟିରେ ଡିକମପୋଜ ହୋଇପାରି ନ ଥାଏ। ଫଳରେ ତାହା କ୍ଷତିକାରକ ଆବର୍ଜନାରେ ପରିଣତ ହୁଏ। ଖାସ୍ ସେଇଥିପାଇଁ ସେ ୧ ଲକ୍ଷ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରି ମେକ୍ସିକୀୟ ଦ୍ୱୀପ ମୁଜେରେସ୍ ନିକଟରେ ଏକ ଭାସମାନ ଦ୍ୱୀପ ତିଆରି କରିଛନ୍ତି। ଉକ୍ତ ଦ୍ୱୀପଟି ବେଶ୍ ସୁନ୍ଦର ହୋଇଛି ଏବଂ ସତସତିକା ଦ୍ୱୀପ ପରି ମଧ୍ୟ ଲାଗେ। ପ୍ଲାଷ୍ଟିକ ବୋତଲ ବ୍ୟତୀତ ସେ ଏଥିରେ ପ୍ଲାଏଉଡ୍ ଓ କାଠ ବି ବ୍ୟବହାର କରିଛନ୍ତି। ଏହା ଉପରେ ସେ ମାଟିର ପରସ୍ତ ପକାଇଛନ୍ତି। ଯେମିତି କି ଏହା ଉପରେ ଗଛ ଲଗାଯାଇପାରିବ। ଉକ୍ତ ଦ୍ୱୀପଟି ବହୁତ ହାଲ୍‌କା ଓ ଭାସମାନ । ତେଣୁ ଏହାକୁ କୌଣସି ବୋଟ୍‌ରେ ଦଉଡି ସାହାଯ୍ୟରେ ବାନ୍ଧି ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ନେଇ ହୁଏ। ରିଚର୍ଟ ଉକ୍ତ ଦ୍ୱୀପରେ ଘରଟିଏ ତିଆରି କରିଛନ୍ତି। ତା' ସହ ଗଛ ଲଗାଇଛନ୍ତି, ସୌର ପ୍ୟାନେଲ ବ୍ୟବହାର କରି ବିଜୁଳିଶକ୍ତି ପାଉଛନ୍ତି, ପନିପରିବା ବି ଚାଷ କରିଛନ୍ତି।

## ବ୍ୟାକ୍ ପେଜ୍

## କାର୍ଟୁନ କର୍ଣ୍ଣର

